# କୋଟିଆରେ ଡିଜିଟାଲ ସ୍ୱାସ୍ଥ୍ୟ ପରୀକ୍ଷା ଏଟିଏମ୍ ଉଦ୍‌ଘାଟିତ

ପଟ୍ଟାଙ୍ଗି, ୬।୧(ସମିସ):




କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଦ୍ୱାରା କୋରାପୁଟ ଜିଲ୍ଲାରେ ପ୍ରଥମ କରି ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ଏକ ଡିଜିଟାଲ ହେଲ୍‌ଥ ସିଷ୍ଟମ (ସ୍ୱାସ୍ଥ୍ୟ ପରୀକ୍ଷା ଏଟିଏମ ମେସିନ) ଉଦ୍‌ଘାଟିତ ହୋଇଯାଇଛି। ମାଳିପର୍ବତ ବକ୍ସାଇଟ ମାଇନ୍ସ, ହିଣ୍ଡାଲ୍‌କୋ ସିଏସଆଇ ଦ୍ୱାରା କରାଯାଇଥିବା ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ଏଟିଏମ୍ କୋଟିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯାଇଛି। ଉକ୍ତ ମେସିନ ମାଧ୍ୟମରେ ଏକାଧିକ ରୋଗର ଲକ୍ଷଣ ଚିହ୍ନଟ ହେବାର ସୁବିଧା ରହିଛି। ଏଥିରେ ମଧୁମେହ, ଆଇରନ, କିଡ୍‌ନୀ, ଲିଭର, ରକ୍ତଚାପ, ହୃଦରୋଗ, ଏଚଆଇଭି. ଗର୍ଭ ପରୀକ୍ଷା, ହରମୋନ, ହେପାଟାଇଟିସ, ୟୁରିଆ ଆଦି ରୋଗ ସମ୍ପର୍କରେ ବିବରଣୀ ଜାଣି ହେବ। ରୋଗୀ ଜଣକ ଏହି ମେସିନ ସାମ୍ନାରେ ଛିଡା ହେଲେ ଏହା ରୋଗୀର ନମୁନା ସଂଗ୍ରହ କରି ଜରୁରୀ ପରୀକ୍ଷା ଗୁଡିକୁ ପ୍ରାୟ ୧୫ ମିନିଟ ମଧ୍ୟରେ ପରୀକ୍ଷା କରି ଏହାର ରିପୋର୍ଟ ସବୁ ପ୍ରଦାନ କରିବା ସହ ରୋଗୀର ମୋବାଇଲକୁ ହ୍ୱାଟ୍‌ସ ଆପ୍ ଜରିଆରେ ପ୍ରେରଣ କରିପାରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରୋଗ ଚିହ୍ନଟ ପରେ ଯଦି ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଯୁକ୍ତ ବିଶେଷଜ୍ଞ ଡାକ୍ତର ଅଭାବ ଥାଆନ୍ତି, ତେବେ ସେହିପରି କ୍ଷେତ୍ରରେ ଆବଶ୍ୟକ ପଡିଲେ ଅନ୍‌ଲାଇନ ଭିଡିଓ କଲ ମାଧ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଥବା ରାଜ୍ୟ ସ୍ତରୀୟ ଉଚ୍ଚ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ରୋଗର ଚିକିତ୍ସା କରାଯାଇ ପାରିବ। କୋରାପୁଟ ଜିଲ୍ଲା କୋଟିଆ ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ସ୍ୱାସ୍ଥ୍ୟ ଏଟିଏମ୍ ସ୍ଥାପନ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ହିଣ୍ଡାଲ୍‌କୋ କମ୍ପାନୀର ଉପ-ସଭାପତି ମନୋଜ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚ ଓ ଡାକ୍ତର ଶିବସାଇ ସ୍ୱରୂପ, ଜିଲ୍ଲା ଉପ-ନିର୍ଦ୍ଦେଶକ ଯୋଜନା ସୂର୍ଯ୍ୟକାନ୍ତ ବେହେରା ଉପସ୍ଥିତ ଥିଲେ। ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାକେଶ ବିଶ୍ୱାଳ, କୋଟିଆ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ବିରେସ ମହାପାତ୍ର, ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ, କୋଟିଆ ପଞ୍ଚାୟତର ପି.ଇ.ଓ କଣ୍ଡା ଗୋଲାରି, ହିଣ୍ଡାଲକୋ କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଅମିତ ସର, ସିଏସଆର ମୁଖ୍ୟ ପ୍ରକାଶ ସାହୁ, ସନ୍ତୋଷ ପଟ୍ଟନାୟକ, ଅଶୋକ ଶନ୍ଦ, ପ୍ରଦୀପାତ୍ର ଆଦି ଉପସ୍ଥିତ ଥିଲେ।

# ପୋଢ଼ମରା ପରବ ପାଳନ କଲେ ଘାଗୁଡ଼ିମାଳ ଗ୍ରାମବାସୀ

**କଲ୍ୟାଣସିଂହପୁର, ୬।୧(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ପଞ୍ଚାୟତର ଘାଗୁଡିମାଳ ଗ୍ରାମରେ ଧୁମଧାମରେ ପୋଢମରା ପର୍ବ ପାଳନ ହୋଇଥିବା ଦେଖିବାକୁ ମିଳିଛି। ଗ୍ରାମରେ ଜାନି ବା ଦିସାରି କହିବା ଅନୁଯାୟୀ ଆଦିବାସୀ ମାନେ ନିଜ ଗ୍ରାମରେ ଥିବା ଧରଣୀ ପେନୁ ବା ଝାଙ୍କିରି ଦେବୀ ନିକଟରେ ନଡ଼ିଆ ସହ ପଶୁ ବଳି ଦେଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଦେବୀଙ୍କୁ ପ୍ରସନ୍ନ କରିଥାନ୍ତି। ଗ୍ରାମ ଲୋକମାନେ କିଛି ଟଙ୍କା ଆଦାୟ କରି ଏକ ପୋଢ କିଣି ରୀତି ନୀତି ଅନୁଯାୟୀ ଦେବୀ ନିକଟରେ ବଳି ଭାବରେ ଉତ୍ସର୍ଗ କରିଥାନ୍ତି। ଉତ୍ସର୍ଗ କରିଥିବା ପୋଢ଼କୁ ସିନ୍ଦୁର ,ଜଡ଼ା ତେଲ ପକାଇ ବଜାବାଜଣା ବଜାଇ ଜାନି ବା ଦିଶାରୀଙ୍କୁ ମାଆଙ୍କ କାଳସୀ ଲାଗି ନାଚି ନାଚି ଭିଭିନ୍ନ ଗ୍ରାମ ଗ୍ରାମ ବୁଲି ଭିକ୍ଷା ଆଣିଥାନ୍ତି। ଦିଶାରୀ ପାଞ୍ଜି ଦେଖି କହିଥିବା ସମୟ ଦିନରେ ଧରଣୀ ଦେବତା ପାଖରେ ଉକ୍ତ ପୋଢ଼କୁ ବଳି ଦେଇଥାନ୍ତି। ଏହି ପର୍ବ ଅନାଦି ବା ପୂର୍ବପୁରୁଷରୁ ପାଳନ ହୋଇଆସୁଛି। ଗ୍ରାମର ମଙ୍ଗଳ ପାଇଁ ଉକ୍ତ ପୂଜା କରାଯାଉଛି। ପର୍ବ ପାଳନ ଦ୍ୱାରା ଗ୍ରାମରେ ବସବାସ କରୁଥିବା ମଣିଷ, ପଶୁ ପକ୍ଷୀ ମାନଙ୍କର ରୋଗ ଭୟ ଦୂର ହେବା ସହିତ ଭଲ ବର୍ଷା ହେବ ,ଜମିରେ ଭଲ ଫସଲ ହେବ ବୋଲି ବିଶ୍ୱାସ ରହିଛି। ଏହି ପର୍ବରେ ନିଜ ବନ୍ଧୁବାନ୍ଧବ ମାନଙ୍କୁ ଲୋକେ ଘରକୁ ଡାକିଥାନ୍ତି। ଗ୍ରାମରେ ନାଚ ଗୀତ ସହ ଭୋଜି ଭାତ କରି ଆନନ୍ଦ ଉଲ୍ଲାସରେ ପର୍ବ ପାଳନ କରିଥାନ୍ତି। ଏହି ପର୍ବ ଦେଖିବାକୁ ଆଖ ପାଖ ଅଞ୍ଚଳର ଲୋକଙ୍କ ଭିଡ଼ ହୋଇଥାଏ।



# ସେମିଳିଗୁଡ଼ା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ମହୋତ୍ସବ



ସେମିଳିଗୁଡ଼ା,୬।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍ସୀ ସିଂହଙ୍କ ଅଧ୍ୟକ୍ଷତାରେ ୪୦ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଶୁଭାରମ୍ଭ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ତଥା ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ଏବଂ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା କୃଷ୍ଣ ସିଂହ ଯୋଗଦାନ କରି ମଶାଲ ସ୍ଥାପନ ଏବଂ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ମଶାଲ ଯାତ୍ରା ଛାତ୍ରଛାତ୍ରୀ ତଥା ସମସ୍ତ ଅଧାପକ ଅଧାପିକାଙ୍କ ଦ୍ୱାରା ସେମିଳିଗୁଡାର ଗ୍ରାମ ଦେବତୀ ଶ୍ରୀ ଶ୍ରୀ ଅଗ୍ନି ଗଙ୍ଗାମାଙ୍କ ମନ୍ଦିରରୁ ବାହାରି ନଗର ପରିକ୍ରମା କରି ମହାବିଦ୍ୟାଳୟରେ ପହଞ୍ଚିଥିଲା। ଅତିଥି ମାନେ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ ପୂର୍ବକ ଛାତ୍ରଛାତ୍ରୀଙ୍କୁ ମର୍ଯ୍ୟାଦା ଏବଂ ସଂଗତି ରକ୍ଷା କରି ବହୁ ସଂଖ୍ୟାରେ ଭାଗ ନେବାକୁ ଏବଂ ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଥମ ଦିନରେ ଉଭୟ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ବାଳକ ଓ ବାଳିକା ବର୍ଗର ୪୦୦ ମିଟର ,୧୦୦ ମିଟର ଦୌଡ଼, ସଟ୍‌ପୁଟ ,ଡିସକସ ଥ୍ରୋ ,ଲମ୍ବ ଡିଆଁ ଖେଳ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡ଼ାନୁଷ୍ଠାନକୁ ସଫଳ କରିବାରେ କ୍ରୀଡ଼ା ଶିକ୍ଷକ ଶ୍ରୀ ହରପ୍ରସାଦ ପତି ତଥା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କାର୍ମଚାରୀ ସହଯୋଗ କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ପାଳନ ନେଇ ବୈଠକ

ଜୟପୁର,୬ ।୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଉପର କୋଲାବ ମୁଖ୍ୟବନ୍ଧ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଆଜି ସ୍ଥାନୀୟ ବାରିଣିପୁଟ ସ୍ଥିତ ଗେଷ୍ଟ ହାଉସ୍ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉପର କୋଲାବ ମୁଖ୍ୟବନ୍ଧ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ. ନୀଳମଣି ଜ୍ଞାନଚାନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକଙ୍କ ଅନୁପସ୍ଥିତିରେ ତାଙ୍କର ପ୍ରତିନିଧି ଭାବେ ଜୟପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଇନ୍ଦ୍ରାବତୀ ଓ କୋଲାବ ଅବବାହିକାକ ମୁଖ୍ୟଯନ୍ତ୍ରୀ ଇଂ. ଯୁଗଳ କିଶୋର ଖଟୁଆ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ସଞ୍ଜିବ କୁମାର ମହନ୍ତ, ଏମ୍‌ଏସ ସ୍ୱାମୀନାଥର ଜୟପୁର କେନ୍ଦ୍ର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା, ପାଣି ପଞ୍ଚାୟତର ବିଭିନ୍ନ ଶୀର୍ଷ କମିଟର ସଭାପତି ବାଳକୃଷ୍ଣ ବିଶୋୟୀ, ସଦାଶିବ ତ୍ରିପାଠୀ, ଗଙ୍ଗାଧର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଉପସ୍ଥିତ ବିଭିନ୍ନ ପାଣି ପଞ୍ଚାୟତର ସଦସ୍ୟ ଏବଂ ଚାଷୀ ମାନେ ଉପସ୍ଥିତ ଥିଲେ। ଏଥିରେ କେବଳ ଧାନଚାଷ ବଦଳରେ ଅନ୍ୟାନ୍ୟ ଫଳ, ଫୁଲ ଏବଂ ଅନ୍ୟାନ୍ୟ ଶସ୍ୟ ଚାଷ କରିବାକୁ ମଞ୍ଚାସୀନ ଅତିଥି ମାନେ ନିଜ ନିଜ ମତପ୍ରକାଶ କରିଥିଲେ। ଏହି ଅବସରରେ ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ଗତ ରବିବାର ସ୍ଥାନୀୟ ଅଞ୍ଚଳର ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ମଧ୍ୟରୁ ପ୍ରବନ୍ଧରେ ଜୟପୁର ଶାରଦା ବିହାର ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପ୍ରତୀକ୍ଷା ପ୍ରଧାନ ପ୍ରଥମ, ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ସସ୍ମିତା ଭୁୟାଁ ୨ୟ ଏବଂ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ କୁମାର ପଣ୍ଡା ୩ୟ ସ୍ଥାନ ଅଧିରାର କରିଛନ୍ତି। ସେହିପରି କୁଇଜରେ ପ୍ରଥମ ଆମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶାନ୍ତିଲତା ପରିଡା, ଦ୍ୱିତୀୟ ଶାରଦାବିହାର ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଅନନ୍ୟା ତ୍ରିପାଠୀ, ତୃତୀୟ ଅରବିନ୍ଦ ନଗର ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଗାୟତ୍ରୀ ପାତ୍ର ହୋଇଛନ୍ତି। ବକ୍ତୃତାରେ ପ୍ରଥମ ଏକମ୍ବା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏମ. ଲାବଣ୍ୟା, ଦ୍ୱୀତିୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଡି. ସୁବାଶିନୀ ରାଓ , ତୃତୀୟ ଶାରଦାବିହାର ଶିଶୁ ମନ୍ଦିରର ଛାତ୍ରୀ ତିତିକ୍ଷା ମିଶ୍ର , ଚିତ୍ରାଙ୍କନରେ ପ୍ରଥମ ସ୍ଥାନୀୟ ପି.ଏମଶ୍ରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଭଦ୍ରା ବେହେରା, ଦ୍ୱିତୀୟ, ଆମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଏଞ୍ଜେଲ ଖମ୍ବାରୀ, ତୃତୀୟ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅପରାଜିତା ମହାପାତ୍ର , ଆଧୁନିଖି ପ୍ରଦର୍ଶନୀ ପ୍ରତିଯୋଗିତାରେ ପ୍ରଥମ ଅରବିନ୍ଦ ନଗର ଶିଶୁ ବିଦ୍ୟାମନ୍ଦିରର ଇଶାନ ପାଢୀ, ଦ୍ୱିତୀୟ ସ୍ଥାନୀୟ ପୌର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ମାନ୍ୟତା ପାତ୍ର ଏବଂ ତୃତୀୟ ପିଏଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସୁବ୍ରତ ସାହୁ ଅଧିକାର କରିବା ସହ ପୁରସ୍କୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ରଜନୀକାନ୍ତ ମିଶ୍ର, ଶକ୍ତି ସାମନ୍ତ ଭୁୟାଁ ଏବଂ କନିଷ୍ଠ ଯନ୍ତ୍ରୀ ମାଧବାନନ୍ଦ ଶତପଥି ଏବଂ ଅନ୍ୟାନ୍ୟ ଯନ୍ତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ମଦ ସହ ଜଣେ ଗିରଫ



କୋଷାଗୁମୁଡା,୬।୧୨(ସମିସ): ଆଜି ଅବକାରୀ ଅଧିକ୍ଷକ ନବରଙ୍ଗପୁର ପ୍ରତାପ କୁମାର ଦାଶଙ୍କ ନିର୍ଦ୍ଦେଶ କ୍ରମେ ତଥା ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବଡ଼ ମସିଗାଁ ଗ୍ରାମରେ ଚଢ଼ଉ କରି ବଳିରମ୍ ସୌରା(୪୬ ) ନିକଟରୁ ୧୭ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରି ଗିରଫ କରାଯାଇଛି। ଆସାମୀକୁ ଅଦାଲତଙ୍କ ନିକଟରେ ହାଜର କରାଯାଇଛି। ଏହି ଚଢ଼ାଉରେ ଅବକାରୀ ସିପାହୀ ରିଶ୍ମା ସୁନା ଓ ଆକ୍ରମ୍ ଖାଁ ସହଯୋଗ କରିଥିଲେ।

# ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ବି ଜଳୁନି ଷ୍ଟ୍ରିଟ୍ ଲାଇଟ୍

ଲକ୍ଷ୍ମୀପୁର,୬।୧(ସମିସ):



ଓଏମ୍‌ସି ଦ୍ୱାରା ଖଞ୍ଜା ଯାଇଥିବା ଷ୍ଟ୍ରିଟଲାଇଟ୍ ଅଚଳ ଅବସ୍ଥାରେ ପଡ଼ି ରହିଛି। କିଛି ମାସ ତଳେ ଓଏମ୍‌ସି ପ୍ରାୟ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଲକ୍ଷ୍ମୀପୁର ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନ୍ଧାରରୁ ମୁକ୍ତ ପାଇଁ ଲଗାଇ ଥିଲା। ଲଗାଇବାର କିଛି ଦିନ ପରେ ବ୍ଲକକୁ ହସ୍ତାନ୍ତର କରି ଦିଆ ଯାଇଥିଲା। ବ୍ଲକ ଏହାର ରକ୍ଷଣାବେକ୍ଷଣ କରି କରେଣ୍ଟ ବିଲ୍ ପୈଠ କରିବା କଥା । କିନ୍ତୁ ଦୁଃଖର ବିଷୟ ଏହା ଯେ ବିଲ୍ ଏଭଳି ଆସୁଛି କି ବ୍ଲକରେ ସେତିକି ଟଙ୍କା ଖର୍ଚ୍ଚ କରିବାକୁ ନାହିଁ। କରେଣ୍ଟ ବିଲ୍ ବାନ୍ଧିବା ଅସମର୍ଥ ହେଉଛି, ଯେଉଁଥି ପାଇଁ କି ଆଜି ଅନ୍ଧାର ରହୁଛି ଅଞ୍ଚଳ। ପାଣିରେ ପଡିଛି ଏତେ ଟଙ୍କାର ପ୍ରକଳ୍ପ। ଗତ ଡିସେମ୍ବର ମାସ ୨୬ ତାରିଖରେ ଓଡିଶା ଖଣି ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ କୋରାପୁଟ ଓ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ସରକାରୀ ଯୋଜନା ଗୁଡିକ କିପରି ଚାଲିଛି ତାହା ସବୁ ଅନୁଧ୍ୟାନ କରି ସରକାରଙ୍କୁ ରିପୋର୍ଟ ଦେବାର ଥିଲା। ଲକ୍ଷ୍ମୀପୁରରେ ମଧ୍ୟ ବିଭିନ୍ନ ସ୍ଥାନ ବୁଲି ଦେଖି ଥିଲେ ଏବଂ ଏହି ସମୟରେ ଶ୍ରୀ ସାମଲଙ୍କୁ ଏହି ଷ୍ଟ୍ରିଟଲାଇଟ୍ ଓ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରାଯାଇଥିଲା। ଷ୍ଟ୍ରିଟଲାଇଟ ଉପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବରଙ୍କ ଉପସ୍ଥିତିରେ ଏହା କିପରି କାର୍ଯ୍ୟକ୍ଷମ ହେବ, ସେଥିପ୍ରତି ଦୃଷ୍ଟି ଦେବାକୁ ରାଜ୍ୟ ଖଣି ନିର୍ଦ୍ଦେଶକ କହିଥିଲେ। କିନ୍ତୁ ସେ ଆସି ଫେରିବାର ଏକ ସପ୍ତାହରୁ ଅଧିକା ହେଲାଣି ଷ୍ଟ୍ରିଟ ଲାଇଟ୍ ଜଳୁ ନାହିଁ । ଅନ୍ଧାରରେ ରହୁଛି ଅଞ୍ଚଳ। ଷ୍ଟ୍ରିଟଲାଇଟ୍ ଭଳି ଆଉ କେତେକ ସମସ୍ୟା ମଧ୍ୟ ଅବଗତ କରାଯାଇ ଥିଲା। ଅଧିକାରୀଙ୍କ ଗସ୍ତର ୧୦ ଦିନ ବିତି ଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତେଣୁ ଏହାକୁ ନେଇ ଚିନ୍ତାରେ ଲକ୍ଷ୍ମୀପୁରବାସୀ। କାରଣ ଜଣେ ରାଜ୍ୟର ସଚିବସ୍ତରୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ମଧ୍ୟ ସମସ୍ୟା ଯଦି ସମାଧାନ ହୋଇପାରୁ ନାହିଁ ତେବେ ସାଧାରଣ ଜନତା ଆଉ କାହାକୁ ଗୁହାରି କରି ସଫଳ ହେବେ ବୋଲି ଅଞ୍ଚଳରେ ଏବେ ଆଲୋଚନା ଜୋର ଧରିଛି। ଏନେଇ ସ୍ଥାନୀୟ ସରପଞ୍ଚ ଶ୍ୟାମ ସୁନ୍ଦର ତାଡିଙ୍ଗ ମଧ୍ୟ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ସମସ୍ୟା ସମାଧାନ କରିବାକୁ କହିଛନ୍ତି।

**➤ ବିଲ୍ ପଇଠ କରିପାରୁନି ପଞ୍ଚାୟତ ସମିତି**
**➤ ରାଜ୍ୟ ଖଣି ନିର୍ଦ୍ଦେଶକଙ୍କୁ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ**

# ଜୟପୁର ବ୍ଲକର ଅତିରିକ୍ତ କାର୍ଯ୍ୟାଳୟ ଭବନ ନିର୍ମାଣ ହେବ

ଜୟପୁର,୬ ।୧(ସମିସ): ୨୫୦୦ ଘନଫୁଟ ବର୍ଗରେ ୨୪ ଲକ୍ଷ ୫୪ ହଜାର ୧୪୮ ଟଙ୍କା ଖର୍ଚ୍ଚ ଅଟକଳରେ କୋରାପୁଟ ଜିଲ୍ଲା ଜୟପୁର ବ୍ଲକ କାର୍ଯ୍ୟାଳୟର ଅତିରିକ୍ତ ନୂତନ କାର୍ଯ୍ୟାଳୟ ଭବନ ନିର୍ମାଣ ହେବ। ପୁରାତନ ଭବନର ପଛପାଖରେ ରହିଥିବା ଖାଲିସ୍ଥାନ ଏବଂ କିଛି ପୁରାତନ ଓ ବିପଦସଙ୍କୁଳରେ ରହିଥିବା କିଛି କକ୍ଷକୁ ଭାଙ୍ଗି ଉକ୍ତ ସ୍ଥାନରେ ନିର୍ମାଣ କରାଯିବ। ଗତ ଡିସେମ୍ବର ୨୨ ତାରଖ ଠାରୁ ଜାନୁୟାରୀ ୬ ତାରିଖ କାର୍ଯ୍ୟାଳୟ ସମୟରେ ଅନଲାଇନ ମାଧ୍ୟମରେ ଟେଣ୍ଡର ଦାଖଲ ଏବଂ ଆସନ୍ତା ୭ ତାରିଖ ପୂର୍ବାହ୍ନ ସାଢେ ୧୧ ସମୟରେ ଦାଖଲ ହୋଇଥିବା ଟେଣ୍ଡର ପେପର ଖୋଲାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶ ଯେ, ଜୟପୁର ବ୍ଲକ କାର୍ଯ୍ୟାଳୟ ଭବନ ପ୍ରାୟ ୬୦ରୁ ଅଧିକ ବର୍ଷ ପୁରାତନ ହୋଇଥିବା ବେଳେ ଗତ ୨୦୦୭ ମସିହାରେ ଦୁଇ ମହଲା ବିଶିଷ୍ଟ ଅତିରିକ୍ତ ନୂତନ ଭବନ ନିର୍ମାଣ ହୋଇଥିଲା।

# ଯୁବ ରେଡକ୍ରସ ତରଫରୁ ଥାଲାସେମିଆ ସଚେତନତା କାର୍ଯ୍ୟକ୍ରମ



ସୁନାବେଡ଼ା,୬।୧(ସମିସ): ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ତରଫରୁ ଥାଲେସେମିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ଅନସୂୟା ନନ୍ଦ ଏହି ସଭାରେ ସଭାପତିତ୍ୱ କରିଥିଲେ। ବରେଣ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡକ୍ଟର ସଞ୍ଜୟ ପୁରୋହିତ, ମୁଖ୍ୟବକ୍ତା ଭାବରେ କୋରାପୁଟ ଜିଲ୍ଲା ଯୁବ ରେଡକ୍ରସର ସଂଯୋଜକ ଡକ୍ଟର ନରେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ୱାଇଆରସିର କାଉନ୍‌ସିଲର ଡକ୍ଟର ଶାନ୍ତନୁ ନାୟକ ସଭା ସଂଯୋଜନା କରିଥିବାବେଳେ ସହଯୋଗୀ କାଉନ୍‌ସିଲର ଅଧ୍ୟାପିକା ଚିନ୍ମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର କଳା, ବାଣିଜ୍ୟ, ବିଜ୍ଞାନ ବିଭାଗର ଅଧ୍ୟାପକ ଅଧ୍ୟାପିକା, ଯୁବ ରେଡକ୍ରସର ସ୍ୱେଚ୍ଛାସେବୀଙ୍କ ସଙ୍ଗେ ଅନ୍ୟ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ଗ୍ରାମକୁ ନାହିଁ ପକ୍କା ରାସ୍ତା, ଲୋକେ ହନ୍ତସନ୍ତ

ପୋଡ଼ାଗଡ଼, ୬।୧(ସମିସ):

ସ୍ୱାଧୀନତାର ୭୮ ବର୍ଷ ବିତଯାଇଥିଲେ ସୁଦ୍ଧା ଅନେକ ଗ୍ରାମରେ ନାହିଁ ପକ୍କା ରାସ୍ତା। ମୌଳିକ ସୁବିଧା ଯୋଗାଇଦେବା ନିମନ୍ତେ ସରକାର ଫେଲ ମାରିଥିବା ଅନେକ ସ୍ଥାନରେ ଦେଖାଦେଇଛି। ଏପରି ଏକ ଗ୍ରାମ ଅଛି ଯେଉଁ ଗାଁରେ କି ଗାଁକୁ ଯିବାପାଇଁ ରାସ୍ତା ଖଣ୍ଡେ ନାହିଁ। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆ ଗୁଡା ପଞ୍ଚାୟତ ଅନ୍ତର୍ଗତ ଡୁମୁରିଗୁଡ଼ା ଗ୍ରାମକୁ ଯିବାପାଇଁ ରାସ୍ତା ଖଣ୍ଡେ ନାହିଁ। ପକ୍କା ରାସ୍ତା ତ ଦୂରର କଥା ମେଟାଲ ମୁରମ୍ ରାସ୍ତା ମଧ୍ୟ ନାହିଁ। କେତେ ବର୍ଷ ପୂର୍ବରୁ ଏକ ମାଟିରାସ୍ତା ନିର୍ମାଣ କରା ଯାଇଥିଲା । କିନ୍ତୁ ତାହା ଏବେ ଗାଡ଼ି ଯିବାର ଦୂରର କଥା ଲୋକ ଚାଲିବାରେ ମଧ୍ୟ ଅସୁବିଧା ହେଉଥିବା ଦେଖାଦେଇଛି। ଯଦି ଗାଁର କୌଣସି ଲୋକର ଦେହ ଖରାପ ହୁଏ, କିମ୍ବା ପ୍ରସୂତି ନିମନ୍ତେ ମହିଳା ମାନଙ୍କୁ ହସ୍ପିଟାଲ ନେବାକୁ ହେଲେ ପ୍ରାୟ ୩ରୁ ୪ କିମି ଦୂର ଭାରରେ ବୋହି ମାଲିମୁଣ୍ଡା ଗୁଡା ପର୍ଯ୍ୟନ୍ତ ନେଇ ସେଠାରୁ ଆମ୍ବୁଲାନ୍ସ ଯୋଗେ କୋରାପୁଟ କିମ୍ବା ପୋଡ଼ାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡ଼େ ବୋଲି ଗ୍ରାମବାସୀ କହିଛନ୍ତି। ଶୀତ ଋତୁ ଓ ଗ୍ରୀଷ୍ମ ଋତୁରେ ଯେମିତି ସେମିତି ଯିବା ଆସିବା ହୋଇଥାଏ, କିନ୍ତୁ ବର୍ଷା ଆସିଗଲେ ଅନେକ ଦୁର୍ଦ୍ଦଶା ଭଗିବାକୁ ପଡ଼େ। ଯଦି ପିଡ଼ିଏସ ସାମଗ୍ରୀ ଆଣିବା କିମ୍ବା ବାର୍ଦ୍ଧକ୍ୟ ଭତ୍ତା ଓ କୌଣସି କାମ ନିମନ୍ତେ ପଞ୍ଚାୟତ ଅଫିସ୍‌କୁ ଯିବାକୁ ହୁଏ, ତେବେ ନାଳ ଡେଇଁ ଯିବାକୁ ପଡିଥାଏ। ଗ୍ରାମବାସୀଙ୍କ କହିବା ମୁତାବକ ଉକ୍ତ ଗ୍ରାମରେ ପ୍ରାୟ ୩୦ରୁ ୪୦ ଘର କନ୍ଧ ଆଦିବାସୀ ବାସ କରୁଥିବା ଦେଖା ଦେଇଛି। ଏହି ଗ୍ରାମରେ ବିଦ୍ୟାଳୟ ମଧ୍ୟ ରହିଛି। ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଯିବା ଆସିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଭୟ ପାର୍ଶ୍ୱର୍ରେ ନାଳ ଯଥା ବିଲାନ ସିଲ୍, ମାଲିମୁଣ୍ଡା ଗୁଡା, ଅନ୍ୟ ପାର୍ଶ୍ୱର୍ରେ ତାମିଲି ଛକ ବାହାରିବା ପାଇଁ ମଧ୍ୟ ନାଳ ପାର କରିବାକୁ ପଡ଼ିଥାଏ। ଏହି ଅସୁବିଧା ନେଇ ଅନେକ ବାର ପଞ୍ଚାୟତରେ ଜଣାଇବା ସହ ବ୍ଲକରେ ମଧ୍ୟ ଜଣାଇଥିବା ଗ୍ରାମବାସୀ କହିଛନ୍ତି।

# କୃଷି ମହୋତ୍ସବ, କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ରାୟଗଡା,୬।୧(ସମିସ):



କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ପଞ୍ଚଦିବସୀୟ ଜିଲ୍ଲାସ୍ତରୀୟ କୃଷି ମହୋତ୍ସବ ଏବଂ କୃଷି ଯନ୍ତ୍ରପାତି ମେଳା ୨୦୨୫ ସ୍ଥାନୀୟ ଜିସିଡି ଉଚ୍ଚ ବିଦ୍ୟାଳୟ ପଡ଼ିଆ, ରାୟଗଡା ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୬ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ମେଳାର ପ୍ରଥମ ଦିବସରେ ମୁଖ୍ୟ ଅତିଥି ରୂପେ ରାୟଗଡା ବିଧାୟକ କାଡ୍ରାକା ଆପାଲାସ୍ୱାମୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ପଞ୍ଚାୟତ ସମିତି ରାୟଗଡା ଅଧକ୍ଷା ଟୁନି ହୁଇକା, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାବତୀ ମଣ୍ଡାଙ୍ଗୀ, ସନ୍ଧ୍ୟାରାଣୀ ପୁଲାକା, ପ୍ରଶାନ୍ତ କୁଲେସିକା, ଭି. ପ୍ରସାଦ ରାଓ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ. କେ. ଏହେସନ, ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ଗୁଣପୁର ଡ. ସୁସ୍ମିତା ମହାନ୍ତି, ଜିଲ୍ଲା କୃଷି ଅଧିକାରୀ, ଗୁଣପୁର ଦିବ୍ୟସ୍ୱରୂପ ପଣ୍ଡା, ଓ ଜିଲ୍ଲା କୃଷି ଅଧିକାରୀ, ମୁନିଗୁଡ଼ା ପ୍ରକାଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଅଶୋକ କୁମାର ବେହେରା ଯୋଗ ଦେଇଥିଲେ। ପ୍ରଥମେ କୃଷି ଜିଲ୍ଲା ଅଧିକାରୀ, ଗୁଣପୁର ଶ୍ରୀ ପଣ୍ଡାଙ୍କ ସ୍ୱାଗତ ଅଭିଭାଷଣ ପରେ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ଗୁଣପୁର ଡ. ସୁସ୍ମିତା ମେଳାର ଉଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ରାୟଗଡା ବିଧାୟକ ଶ୍ରୀ କାଡ୍ରାକା ନିଜ ଅଭିଭାଷଣରେ କହିଲେ, ରାୟଗଡ଼ା ଏକ ୫ମ ଅନୁଚ୍ଛେଦ କ୍ଷେତ୍ର ହୋଇଥିବାରୁ ଏଠାରେ ୭୦ ପ୍ରତିଶତ ଆଦିବାସୀ କୃଷି ଉପରେ ନିର୍ଭରଶୀଳ। ଏଠାରେ ଏକ ସ୍ୱତନ୍ତ୍ର ଆଦିବାସୀ ବଜାରର ଆବଶ୍ୟକତା ରହିଛି। ଯାହା ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହନ ଦେବ ଏବଂ ଅର୍ଥନୈତିକ ସ୍ୱାବଲମ୍ବନ ନିଶ୍ଚିତ କରିବ। ଏହା ସହିତ ରାୟଗଡ଼ାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ଏହି ମେଳାରେ ଯୋଗ ଦେଇ ଥିବା ଅତିଥିମାନେ ଜିଲ୍ଲାର କିଛି କୃଷକ ଆଧୁନିକ ପ୍ରଣାଳୀରେ କିପରି ବିଭିନ୍ନ ପ୍ରକାର ଚାଷ ଉତ୍ପାଦନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ହେଇଛନ୍ତି ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ। ନୂତନ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତି ବ୍ୟବହାର କରି ଚାଷୀର କିପରି ସର୍ବାଙ୍ଗୀନ ଉନ୍ନତି ସାଧନ ହେବ ସେଥିପ୍ରତି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଆଲୋକପାତ କରିଥିଲେ। ଏହି ମେଳାରେ ମୋଟ ୭୯ ଟି ପ୍ରଦର୍ଶନୀ ଷ୍ଟଲ୍ ମଧ୍ୟରୁ ୪୫ ଗୋଟି ଷ୍ଟଲ୍ ମଧ୍ୟରେ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ଯଥା:- କମ୍ବାଇନ୍ ହାରଭେଷ୍ଟର୍, ଟ୍ରାକ୍ଟର୍, ପାୱାର୍ ଟିଲର୍, ଟ୍ରାନ୍ସ ପ୍ଲାଣ୍ଟର , ପାୱାର୍ ଥ୍ରେସର , ରିପର୍, ବିଭିନ୍ନ ପମ୍ପସେଟ୍ ପ୍ରଭୃତି ସ୍ୱୀକୃତି ପ୍ରାପ୍ତ ଡ଼ିଲର୍ ମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ ଷ୍ଟଲ୍ ଗୁଡ଼ିକ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ମେଳାର ପ୍ରଥମ ଦିନରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଚାଷ ଓ ଚାଷୀ ସମାଜର ଉନ୍ନତି କରିଥିବା ବନ୍ଧୁ ପ୍ରାସ୍କା, କଲ୍ୟାଣସିଙ୍ଗପୁର ବ୍ଲକ, ଧର୍ମ ପିଡ଼ିକା ଓ ପ୍ରକାଶ ରାଓ, ରାୟଗଡା ବ୍ଲକ ଏବଂ ନାରାୟଣ ସାହୁ, କୋଲନରା ବ୍ଲକର ୪ ଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ବିଭିନ୍ନ ସ୍ଥାନରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ପରିବେଷଣ କରିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ମେଳାକୁ ଅଧିକ ଆକର୍ଷଣୀୟ କରିଥିଲା । ସମସ୍ତ କଳାକାର ମାନଙ୍କୁ ମାନପତ୍ର ଓ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସୁଶ୍ରୀ ଭାଗ୍ୟଶ୍ରୀ ମଲ୍ଲିକ, ସହକାରୀ କୃଷି ଯନ୍ତ୍ରୀ, ରାମନାଗୁଡ଼ା ଓ ଉତ୍ତମ କୁମାର ଦାଶ, ସହକାରୀ ବୈଷୟିକ ପରିଚାଳକ, ମୁନିଗୁଡ଼ା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହେସନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାୟଗଡା ଜିଲ୍ଲାର ସମସ୍ତ କୃଷି ଅଧିକାରୀ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବଙ୍ଗାଳି ସମାଜର ସାମ୍ବାଦିକ ସମ୍ମିଳନୀ

# 'ରାଜ୍ୟ ସରକାର ଦେଇଥିବା ଅନୁକମ୍ପା ରାଶି ଯଥେଷ୍ଟ ନୁହେଁ'

ମାଲକାନଗିରି, ୬ ।୧(ସମିସ):

ମାଲକାନଗିରି ଜିଲ୍ଲା ଏମଭି୨୬ ଗ୍ରାମର ୨୨୫ ଘର କ୍ଷତିଗ୍ରସ୍ତ ପରିବାରଙ୍କୁ ୩୦କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ ସହ ରାଖେଲଗୁଡା ମହିଳାଙ୍କ ହତ୍ୟା କାରିକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ଓ ସାତ ଦଫା ଦାବି ନେଇ ଜିଲ୍ଲା ବଙ୍ଗାଳି ସମାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଛି । ଆଜି ସନ୍ଧ୍ୟାରେ ମାଲକାନଗିରି ଜିଲ୍ଲା ବେଙ୍ଗଲୀ ସମାଜ ପକ୍ଷରୁ ସ୍ଥାନୀୟ ହୋଟେଲ ସ୍ୱାଗତରେ ରାଖାଲଗୁଡାର ମହିଳା ଲାକେ ପଡିଆମୀଙ୍କୁ ହତ୍ୟାକାରୀକୁ କଠୋର ଦଣ୍ଡ ଦେବା ଓ ଏମଭି୨୬ ଗ୍ରାମ ଘରପୋଡି କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ରାଶି ବୃଦ୍ଧି ସମ୍ପର୍କରେ ଜିଲ୍ଲା ବେଙ୍ଗଲୀ ସମାଜ ସଭାପତି ଗୌରାଙ୍ଗ କର୍ମକାରଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମାଲକାନଗିରି ଜିଲ୍ଲା ଏମଭି ୨୬ ହିଂସାକାଣ୍ଡ ଓ ଏହାର ପରବର୍ତ୍ତୀ ସ୍ଥିତିକୁ ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିବା ସର୍ବାଧିକ ଅନୁକମ୍ପା ରାଶି ୭୫ ହଜାର ଟଙ୍କା ଘୋଷଣା ଯଥେଷ୍ଟ ନୁହେଁ, ମୁଖ୍ୟମନ୍ତ୍ରୀ ପୁଣି ଥରେ ବିଚାର କରି ଏମଭି ୨୬ ଗାଁ ଲୋକଙ୍କ ଥଇଥାନ ପାଇଁ ୩୦ କୋଟି ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିବା ଲାଗି ବଙ୍ଗାଳୀ ସମାଜ ପକ୍ଷରୁ ଦାବି କରାଯାଇଛି । ଏହା ବ୍ୟତିତ ସାତ ଦଫା ଦାବି ଉପସ୍ଥାପନା କରିଛନ୍ତି । ଦାବିଗୁଡିକ ମଧ୍ୟରେ ମୁଖ୍ୟତଃ ମୃତ ଲାକେ ପଡିଆମିଙ୍କୁ ନ୍ୟାୟ ପ୍ରଦାନ ସହ ସରକାର ତାଙ୍କ ପରିବାର ପାଇଁ ୧୦ଲକ୍ଷ ଟଙ୍କା କ୍ଷତିପୂରଣର ଘୋଷଣାର ପୁନର୍ବିଚାର କରି ଏହି ରାଶିକୁ ବଢ଼ାଇବାକୁ ଅନୁରୋଧ କରାଯାଇଛି । ଏମ୍ଭି-୨୬ ଗ୍ରାମରେ ଘଟିଥିବା ହିଂସାକାଣ୍ଡରେ ଭାଇଚାରା ନଷ୍ଟ କରିବାକୁ ଚେଷ୍ଟା କରିବାକୁ ଉଦ୍ୟମ କରୁଥିବା ଅସମାଜିକ ତତ୍ତ୍ୱଙ୍କ ବିରୋଧରେ ସରକାର ଓ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ । ପୀଡ଼ିତ ପରିବାରମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ),ଅନ୍ତୋଦ୍ୟୋୟ ଗୃହ ଯୋଜନା ଅଧୀନରେ ନୂଆ ପକ୍କା ଘର ପ୍ରଦାନ କରାଯାଉ । ପ୍ରତ୍ୟେକ ପୀଡ଼ିତ ପରିବାରକୁ ଯୋଜନା ଅନୁଯାୟୀ ପୂର୍ଣ୍ଣ ଆବାସ ସହାୟତା ମଞ୍ଜୁର କରାଯାଇ ସୁରକ୍ଷିତ ଏବଂ ସ୍ଥାୟୀ ଆବାସ ନିର୍ମାଣ ସୁନିଶ୍ଚିତ କରାଯାଉ ବୋଲି ଦାବି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ବୈଷମ୍ୟମୂଳକ ଘୋଷଣା ଯୋଗୁଁ ସମାଜରେ ନିରାଶା ଓ ଅସନ୍ତୋଷ ସୃଷ୍ଟି ହୋଇଛି । ଏହାର ନିବାରଣ ପାଇଁ ପାଇଁ ଶୀଘ୍ର ଆମେ ନିରବ ପ୍ରତିବାଦ କରିବାକୁ ଯାଉଛୁ, ଏହି ପ୍ରତିବାଦ ଆଦିବାସୀ ଭାଇମାନଙ୍କ ବିରୁଦ୍ଧରେ ନୁହେଁ ବୋଲି କୁହାଯାଇଛି । ସର୍ବସମ୍ମତିକ୍ରମେ ବର୍ତ୍ତମାନ ସରକାରୀ ଦଳ ସହ ପ୍ରତ୍ୟେକ୍ଷ ଭାବେ ଜଡିତ ଥିବା ଏବଂ ବଙ୍ଗାଳୀ ସମାଜରେ ବିଭିନ୍ନ ପଦବୀରେ ଥିବା ଭାଇମାନଙ୍କୁ ସେହି ପଦବୀଗୁଡ଼ିକରୁ ସାମୟିକ ବହିଷ୍କାର ଏବଂ ଦାୟିତ୍ୱମୁକ୍ତ କରାଯାଉଛି ବୋଲି ଏହି ସମ୍ମିଳନୀରେ କୁହାଯାଇଛି । ସରକାର ଏହି ଦାବିଗୁଡ଼ିକୁ ତୁରନ୍ତ ବିଚାର କରି କାର୍ଯ୍ୟାନ୍ୱିତ କରନ୍ତୁ ଏବଂ ଜିଲ୍ଲାରେ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଜିଲ୍ଲା ବଙ୍ଗାଳୀ ସମାଜ ପକ୍ଷରୁ ଦାବି କରା ଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଜିଲ୍ଲା ବଙ୍ଗଳୀ ସମାଜ ସଭାପତି ଗୌରାଙ୍ଗ କର୍ମକାର, ସମ୍ପାଦକ ସୁନୀଲ କୁମାର ବିଶ୍ୱାସ, ଉପଦେଷ୍ଟା ତପନ କୁମାର ସାନା, ନିମାଇଁ ଚନ୍ଦ୍ର ସରକାର, ନିମାଇଁ ପାଲ, କୋର କମିଟି ସଦସ୍ୟ ଉତ୍ତମ ଓଝା, ପ୍ରହ୍ଲାଦ ବାସୁ, ମହାନନ୍ଦ ବୈରାଗୀ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନା କରିଥିଲେ ।




➤ ଏମଭି୨୬ ଗ୍ରାମର କ୍ଷତିଗ୍ରସ୍ତଙ୍କୁ ୩୦କୋଟି
➤ ରାଖେଲଗୁଡା ମହିଳାଙ୍କ ହତ୍ୟାକାରୀକୁ ଫାଶୀ ଦଣ୍ଡ ମିଳୁ

● ବିଦେଶୀ ମଦ ଚୋରା ଚାଲାଣ

# ବୋଲେରୋ ଜବତ,୨ ଗିରଫ

ରାୟଗଡା/ରାମନାଗୁଡ଼ା,୬।୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ମିଳିଛି ଏକ ସଫଳତା । ବିଶେଷ ସୂତ୍ରରୁ ଖବର ପାଇ ଗଣପତିଗୁଡ଼ାରେ ଥିବା ମଙ୍ଗଳା ମନ୍ଦିର ନିକଟରେ ଏକ ବୋଲେରୋ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ । ଗାଡ଼ି ଭର୍ତ୍ତି ବିଦେଶୀ ମଦ ପେଟି ବେଆଇନ ଭାବେ ବୋଲେରୋରେ ନିଆଯାଉଥିବା ଜାଣିବାକୁ ପାଇଥିଲେ ।



ସୂଚନା ଅନୁଯାୟୀ ସୋମବାର ସନ୍ଧ୍ୟାରେ ଏକ ବୋଲେରୋ (ଓଡି ୦୭ ଏଫ ୯୪୪୪) ଗାଡ଼ିରେ ବିହାରର ମଦ ବ୍ୟବସାୟୀ ଅନୁଜ କୁମାର ଯାଦବ, ଚାନ୍ଦିଲି ଥାନା ଅନ୍ତର୍ଗତ ଦେବଦଳାର ଡ୍ରାଇଭର ଗଣେଶ ହିମିରିକା ଗାଡ଼ି ଭର୍ତ୍ତି ବିଦେଶୀ ମଦ ରାୟଗଡ଼ାଠାରୁ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଅଭିମୁଖେ ନେଇ ଯାଉଥିଲେ । ଏହି ସମୟରେ ରାମନାଗୁଡ଼ା ଥାନା ଅଧିକାରୀ ସୁନିତା ବେହେରାଙ୍କ ନେତୃତ୍ୱରେ ସେକେଣ୍ଡ ଅଫିସର ବାବୁଲା ପ୍ରଧାନ, ଏଏସଆଇ ଜଗନ୍ନାଥ ବେହେରା, ଠାକୁର ଦାସ ଟୁଡୁ, ସମଦତ୍ତ ପ୍ରଧାନଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଏହିଗାଡିକୁ ଯାଞ୍ଚ କରି ଉଭୟ ଅଭିଯୁକ୍ତଙ୍କୁ ଧରିଥିଲେ । ବିଦେଶୀ ମଦ ଚୋରା ଚାଲାଣରେ ବ୍ୟବହୃତ ବୋଲେରୋକୁ ଜବତ କରିବା ସହିତ ବିଭିନ୍ନ ବ୍ରାଣ୍ଡର ୩ ଶହ ୫୬ ଲିଟର ବିଦେଶୀ ମଦ ଜବତ ହୋଇଛି । ଏହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ହେବ ବୋଲି ଜଣାପଡିଛି । ଏହି ବିଦେଶୀ ମଦ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅନୁଜ କୁମାର ଯାଦବ, ଡ୍ରାଇଭର ଗଣେଶ ହିମିରିକାଙ୍କୁ ଗିରଫ କରି ରାମନାଗୁଡ଼ା ଥାନା କେସ ନମ୍ବର ୨/୨୦୨୬ ରେ ମାମଲା ରୁଜୁ କରାଯାଇଥିବା ପୁଲିସ ତରଫରୁ ଖବର ମିଳିଛି । ଏହାର ତଦନ୍ତ ଦାୟିତ୍ୱ ରାମନାଗୁଡ଼ା ଥାନା ଏସ୍ଆଇ ବାବୁଲା ପ୍ରଧାନଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।

# ଶ୍ରୀଜଗନ୍ନାଥ ମନ୍ଦିରର ୩ଟି ଦାନହୁଣ୍ଡି ଖୋଲିଲା



ରାୟଗଡ଼ା,୬।୧(ସମିସ): ଗତବର୍ଷ ରଥଯାତ୍ରା ପରଠାରୁ ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡ଼ା ଶ୍ରୀ ଜଗନ୍ନାଥ ମନ୍ଦିରର ୩ଟି ଦାନହୁଣ୍ଡି ଖୋଲାଯାଇ ନ ଥିବା ବେଳେ ଦେବୋତ୍ତର ଅଧିକାରୀ ତଥା ତହସିଲଦାର ପ୍ରିୟଦର୍ଶନୀ ସ୍ୱାଇଁ ଏବଂ ମନ୍ଦିର ପରିଚାଳନା କମିଟିଙ୍କ ନିଷ୍ପତି ଅନୁଯାୟୀ ୬ ମାସ ପରେ ଆଜି ମଙ୍ଗଳବାର ଦିନ ପୁଲିସ ସୁରକ୍ଷା ବଳୟ ମଧ୍ୟରେ ଦାନହୁଣ୍ଡି ଖୋଲାଯାଇ ଗଣତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ୩ଟି ଦାନ ହୁଣ୍ଡିରୁ ନଗଦ ୫ଲକ୍ଷ ୨୯ହଜାର ୫୯୫ଟଙ୍କା ଦାନ ଆକାରରେ ମିଳିଥିବା ଜଣାପଡିଛି । ଆଜିର ଏହି ଗଣତି ସମୟରେ ଦେବୋତ୍ତର ଅଧିକାରୀ ପ୍ରିୟଦର୍ଶନୀ ସ୍ୱାଇଁ, ଅତିରିକ୍ତ ତହସିଲଦାର ଦେବାଶିଷ ବିଶ୍ୱାସ, ରାଜସ୍ୱ ପରିଦର୍ଶକ ଦେବୀ ପ୍ରସାଦ ମଲ୍ଲିକ, ରାଜସ୍ୱ ନିରୀକ୍ଷକ ଅଶୋକ କୁମାର ନାୟକଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଭ୍ୟ ସୁନୀଲ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ତ୍ରିପାଠୀ, ସତ୍ୟବାଦୀ ପତି, ସଚ୍ଚିଦାନନ୍ଦ ଖାଡଙ୍ଗା, ବିନାୟକ କର ପ୍ରମୁଖ ଉପସ୍ଥିତ ରହିଥିଲେ । ଦାନହୁଣ୍ଡିରୁ ଆଦାୟ ହେଉଥିବା ସମସ୍ତ ଅର୍ଥ ଶ୍ରୀ ଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ହୋଇଥାଏ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି ।

# ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ନନ୍ଦପୁର,୬।୧ (ସମିସ): ସତ୍ୟସାଇ ସେବା ଓ ମାନବିକତାର ଆଦର୍ଶକୁ ଆଗରେ ରଖି ସୋମବାର ସୁନାବେଡ଼ା ସାଇ ସମିତି, ନନ୍ଦପୁର ସାଇ ଭଜନ ମଣ୍ଡଳୀ ଓ ପାଡୁଆ ସାଇ ଭଜନ ମଣ୍ଡଳୀର ମିଳିତ ସହଯୋଗରେ ନନ୍ଦପୁର ବ୍ଲକ ଅନ୍ତର୍ଗତ ଖୁଡ଼ା ଗ୍ରାମରେ ଏକ ସାମାଜିକ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାମର ଗରିବ ଓ ନିରାଶ୍ରୟ ବୃଦ୍ଧ ବୃଦ୍ଧାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ଅଞ୍ଚଳବାସୀଙ୍କୁ ସ୍ୱଗୃହ ନିର୍ମଳତା, ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ଅବଗତ କରାଯାଇଥିଲା । ସ୍ୱଚ୍ଛ ଘର ଓ ପରିବେଶ ମାଧ୍ୟମରେ ସୁସ୍ଥ ଜୀବନ ଗଠନ ସମ୍ଭବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ସଚେତନତା କାର୍ଯ୍ୟକ୍ରମ ପରେ ଭକ୍ତମଣ୍ଡଳୀ ବଣଭୋଜି ମାଧ୍ୟମରେ ପ୍ରସାଦ ସେବନ କରି ଅଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶରେ ଆନନ୍ଦ ଉପଭୋଗ କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଭକ୍ତି, ସେବା ଓ ସମର୍ପଣର ଉଦାହରଣ ଭାବେ ପରିଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଜି. ସତ୍ୟନାରାୟଣ ଭାଇ, ଜି.ପଦ୍ମା, ମୀନା ଚୌଧୁରୀ, ସୁମନ ଚୌଧୁରୀ, ଜଳନ୍ଧର ଭାଇ, ମନୋଜ ଭାଇ ଓ ନିହାର ସାହୁ ଭାଇ ପ୍ରମୁଖ ଆଗ ଧାଡ଼ିରେ ରହି ସକ୍ରିୟ ସହଯୋଗ କରିଥିଲେ । ପରେ ନିକଟସ୍ଥ ମୟୂର ଝୋଲା ଜଳପ୍ରପାତ ପରିଦର୍ଶନ କରି ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ ।

# କେନ୍ଦ୍ରୀୟ ରେଶମ ବୋର୍ଡର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କୋଟପାଡ଼, ୬।୧ (ସମିସ): କେନ୍ଦ୍ରୀୟ ରେଶମ ବୋର୍ଡ ଏବଂ ବିଏଚଏଭିର ମିଳିତ ସହଯୋଗରେ ଆଜି କୋଟପାଡ଼ ଠାରେ ସିଲ୍କ ୱେଟ୍ ପ୍ରୋସେସିଂ ମାନୁଫ୍ୟାକ୍ଚରର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଛି । ଏହି କାର୍ଯ୍ୟକ୍ରମ ଟସର ରେଶମ ଉତ୍ପାଦନକୁ ମୂଲ୍ୟ ସଂଯୋଗ ଦେବା ଏବଂ ସ୍ଥାନୀୟ ମହିଳାମାନଙ୍କୁ ସ୍ୱରୋଜଗାର ସହ ଯୋଡ଼ିବା ଉଦ୍ଦେଶ୍ୟରେ ଆୟୋଜିତ କରାଯାଇଛି । ଉଦ†ାଟନୀ କାର୍ଯ୍ୟକ୍ରମରେ ଏନଏସି ଚେୟାରମ୍ୟାନ୍ ଏମ୍. ଶଙ୍କର ରାଓ, ସିନିୟର ଆଡଭୋକେଟ୍ ପଙ୍କଜ କୁମାର ପାତ୍ର କୋଟପାଡ଼ ବିଧାୟକଙ୍କ ପ୍ରତିନିଧି ବିନାୟକ ଆଚାର୍ଯ୍ୟ, ପଦ୍ମଶ୍ରୀ ସମ୍ମାନିତ ଗୋବର୍ଦ୍ଧନ ପନିକା, ଡା. ଏସ୍. ରଞ୍ଜିତ ଏବଂ କଳ୍ପନା ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ । ବକ୍ତାମାନେ ତାଙ୍କ ଉଦ୍ବୋଧନରେ କହିଥିଲେ ଯେ ଟସର ରେଶମ ଉପରେ ରଙ୍ଗ କରିବା ଏବଂ ୱେଟ୍ ପ୍ରୋସେସିଂ ପ୍ରଯୁକ୍ତି ଆପଣାଇଲେ ଉତ୍ପାଦର ମୂଲ୍ୟ ଓ ବଜାର ଚାହିଦା ଅଧିକ ବଢ଼ି ପାରିବ । ଏହି କାର୍ଯ୍ୟକ୍ରମରେ ୨୫ ଦିନିଆ ଟସର ସୂତାରେ ରଙ୍ଗ କରିବାର ପ୍ରଶିକ୍ଷଣ ପ୍ରଦାନ କରାଯିବ, ଯାହା ମାଧ୍ୟମରେ ୩୦ ଜଣ ସ୍ଥାନୀୟ ମହିଳା ପ୍ରତ୍ୟକ୍ଷ ଭାବେ ଲାଭାନ୍ୱିତ ହେବେ । ପ୍ରଶିକ୍ଷଣ ସମୟରେ ବୈଜ୍ଞାନିକ ପ୍ରଣାଳୀ, ଗୁଣନିୟନ୍ତ୍ରଣ ଏବଂ ବଜାର ମାନକ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ବିଏଚଏଭି ପକ୍ଷରୁ କୋଟପାଡ଼ ହ୍ୟାଣ୍ଡଲୁମ୍ର ବରିଷ୍ଠ ଉଦ୍ୟୋଗପତି ପ୍ରହ୍ଲାଦ ମହାନ୍ତ ବିଏଚଏଭି କେନ୍ଦ୍ର ସମନ୍ୱୟକ ଲଳିତ ମେହେର, ଡାଇରେକ୍ଟର ସୌରଭ କର ଏବଂ ଶୀଳା ଜେନା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଶିକ୍ଷଣର ସଫଳତା ପାଇଁ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ବିଏଚଏଭି ପକ୍ଷରୁ କୁହାଯାଇଥିଲା ଯେ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ କୋଟପାଡ଼ ଅଞ୍ଚଳରେ ଟସର ରେଶମ ଶିଳ୍ପକୁ ନୂତନ ଦିଗ ଦିଆଯିବା ସହ ବୁଣାକାର ମାନଙ୍କୁ ପ୍ରଶିକ୍ଷିତ କରାଯାଇପାରିବ ।



# ୧୦ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ

ମାଲକାନଗିରି, ୬।୧ (ସମିସ): ମାଲକାନଗିରି ଥାନା ପୁଲିସ ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ଉପରେ ଚଢ଼ଉ କରାଯାଇ ୧୦ ଏକର ଜମିରୁ ୧୦ ହଜାର ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରିଛନ୍ତି । ଏହାର ବଜାର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି ।ମାଲକାନଗିରି ଥାନା ଆଇଆଇସି ରିଗାନ କିଣ୍ଡୋଙ୍କ ନେତୃତ୍ୱରେ ପୁଲିସ ସଦଳବଳ ମାଲକାନଗିରି ବ୍ଲକସ୍ଥ ବୀର ଲକ୍ଷ୍ମଣପୁର ପଞ୍ଚାୟତ ନିକଟବର୍ତ୍ତୀ ଖାଲିଗୁଡା ଜଙ୍ଗଲରେ ଚଢ଼ଉ କରିଥିଲେ । ଉକ୍ତ ଜଙ୍ଗଲରେ ବେଆଇନ ଭାବେ ହୋଇଥିବା ୧୦ ଏକର ଜଙ୍ଗଲ ଜମିରୁ ୧୦ ହଜାର ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରିଛନ୍ତି । ଏହି ଗଞ୍ଜେଇ ଗଛ ଗୁଡିକର ମୂଲ୍ୟ ପ୍ରାୟ ୧୦ ଲକ୍ଷଟଙ୍କା ହେବ । ଏହି ଗଞ୍ଜେଇ ଚାଷ କିଏ କରୁଥିଲା, ସେନେଇ ମଧ୍ୟ ତଦନ୍ତ କରାଯାଉଥିବା ଜଣାପଡିଛି ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ରାୟଗଡ଼ା,୬।୧(ସମିସ):

ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ସୁବେଦର୍ ମେଜର ବିପିନ୍ ଚନ୍ଦ୍ର ଶିଙ୍ଗ, ସମ୍ମାନିତ ଅତିଥି ସୁବ୍ବିର ରେହମାନ୍,ସୁନୀତା ଯୋଗ ଦେଇଥିବା ବେଳେ ମହିଳା ମହାବିଦ୍ୟାଳୟର ପ୍ରଫେସର ରଘୁନାଥ ଭୁଏ ସଭା କାର୍ଯ୍ୟକୁ ସଭାପତିତ୍ୱ କରିଥିଲେ । ମାଷ୍ଟର ଟ୍ରେନର ସୀମା ଓରାମ,ତପସ୍?ନୀ ଗୌଡ଼,ତପସ୍ୱିନୀ ବାଘ, ମାମିନା କାଡ୍ରକା, ମହିମା ତାକ୍ରି ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ । ନିଜକୁ କିଭଳି ସୁରକ୍ଷା ଦେଇ ପାରିବେ ସେ ନେଇ ବିଭିନ୍ନ କୌଶଳ କରି ଦେଖାଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଡ଼ିଗ୍ରୀ ପ୍ରଥମ ବର୍ଷର ସମସ୍ତ ୨୫୦ଜଣ ଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ଏହି ଟ୍ରେନିଂ କାର୍ଯ୍ୟକ୍ରମର ସଂଯୋଜିକା କ୍ୟାପଟେନ ରୀତା ରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଟ୍ରେନିଂ ଆସନ୍ତା ୧୫ ଜାନୁଆରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କ୍ୟାପଟେନ ମିଶ୍ର ସୂଚନା ଦେଇଛନ୍ତି ।

● ସ୍ୱାସ୍ଥ୍ୟ ବିଭାଗ ଓ ଆଇସିଡିଏସ୍‌ର ସମନ୍ୱୟ ବୈଠକ

# ମାତୃଶିଶୁ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ଉପରେ ଗୁରୁତ୍ୱ



ମାଲକାନଗିରି,୬ ।୧(ସମିସ): ମାଲକାନଗିରି ଜିଲ୍ଲାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ କ୍ଷେତ୍ରରେ ସୁଧାର ଆଣିବା ଲକ୍ଷ୍ୟରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ଓ ଆଇସିଡିଏସ ବିଭାଗର ମିଳିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ନବଜାତ ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱାରୋପ କରାଯାଇଛି । ଜିଲ୍ଲାପାଳ ପୁଷ୍ଟିସାଧନ ଓ ରକ୍ତହୀନତା ଦୂରୀକରଣ, ଗ୍ରାମ ସ୍ତରରେ ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସର ସଫଳ ପରିଚାଳନା ଏବଂ ଦୁର୍ଗମ ଗ୍ରାମାଞ୍ଚଳରେ ମା' ଓ ଶିଶୁଙ୍କୁ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦେବା ସହ ଜିଲ୍ଲାର ସେହି ଅଞ୍ଚଳରେ ଟୀକାକରଣ ଏବଂ ସ୍ୱାସ୍ଥ୍ୟ ସେବା ଯେପରି ଶେଷ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ତାହା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ମିଳିତ ମାଇକ୍ରୋ-ପ୍ଲାନ ପ୍ରସ୍ତୁତ କରିବା ସହ ନିୟମିତ କ୍ଷେତ୍ର ପରିଦର୍ଶନ କରି ଲୋକଙ୍କ ନିକଟରେ କିପରି ଉତ୍ତମ ଚିକିତ୍ସା ପହଂଚିବ ସେ ନେଇ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ମହିଳା ଏବଂ ଶିଶୁ ବିକାଶ ବିଭାଗର ବରିଷ୍ଠ ଅଧିକାରୀ, ଚିକିତ୍ସା ଅଧିକାରୀ ଓ ସିଡିପିଓ ମାନେ ଉପସ୍ଥିତ ଥିଲେ ।

# ଚଇତି ଶୋଭାଯାତ୍ରା କମିଟି ସମ୍ମାନିତ

ରାୟଗଡ଼ା, ୬।୧(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ ଚଇତି ମହୋତ୍ସବ ୨୦୨୫କୁ ବହୁ ଆଡମ୍ବରରେ ପାଳନ କରାଯାଇଛି । ଆଜି ଶୋଭାଯାତ୍ରା କମିଟିରେ ସାମିଲ ଥିବା ଅନୁଷ୍ଠାନ ମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଛି । ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଲଦୀପ କୁମାରଙ୍କ ତତ୍ତ୍ୱାବଧାନରେ ପୌର ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁସ୍ମିତା ବାଉରୀ ଯୋଗ ଦେଇ ଚଇତି ଉଦ†ାଟନ ଉତ୍ସବରେ ସାମିଲ ହୋଇ ଚଇତିକୁ ସାଫଲ୍ୟ କରିଥିବା ଅନୁଷ୍ଠାନକୁ ସମ୍ମାନିତ କରିଥିଲେ । ଫ୍ରେଣ୍ଡ୍ସ ୟୁଥ ଆସୋସିଏସନ ରାୟଗଡ଼ା ରମେଶ ପାୟସିଂ,ଅନିଲ ବିଶ୍ୱାଳ, ଦିବାକର ଗୌଡ଼, ଶିବାଜୀ ଦାଶଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସୌଣ୍ଡିକ ସମାଜର ରାଜେନ୍ଦ୍ର ଚୌଧୁରୀ ,ବରିଷ୍ଠ ନାଗରିକ କଲ୍ୟାଣ ସଂଘ ସଭାପତି ବିନୋଦ ଚନ୍ଦ୍ର ପଣ୍ଡା ,ବାପି ପଟ୍ଟନାୟକ ,ଲେଡୀସ କ୍ଲବର କୋରଡ଼ା ରଜିତା , ୟଙ୍ଗ ଇଣ୍ଡିଆ ଦୀପକ ପୃଷ୍ଟି, ଅଜାଦ ହିନ୍ଦ ୟୁଥ ଆସୋସିଏସନ , ସାଇ ସେବା ସମିତି ,ଓକର୍ସ କ୍ଲବ ,ବ୍ରାହ୍ମଣ ସଂଘ , ସୋସିଆଲ ୟୁଥ ଆସୋସିଏସନ ସୁଜିତ ପଣ୍ଡା , ବୈଶ୍ୟ ସଂଘ ସଭାପତି କେ. ଅମରନାଥ , ଲାଏନ୍ସ କ୍ଲବ , ଜୁଏଲେରୀ ଆସୋସିଏସନ ଭଳି ପ୍ରମୁଖ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା । ଶେଷରେ ପୌର ନିର୍ବାହୀ ଅଧିକାରୀ ଶ୍ରୀ କୁଲଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

# ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ



ନବରଙ୍ଗପୁର,୬।୧ (ସମିସ): ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ ପଡିଆରେ ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୬ ଉଦଯାପିତ ହୋଇଯାଇଛି । ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ବିରଞ୍ଚି ନାରାୟଣ ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ରାଧେଶ୍ୟାମ ଲାଇକ , ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିଷାନ, ବିଡିଓ ନବରଙ୍ଗପୁର ସୁନିଲ ଖରା ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ ନିଜ ବକ୍ତବ୍ୟରେ ଜିଲ୍ଲାର ଉପସ୍ଥିତ ଚାଷୀଙ୍କୁ ସ୍ୱାଗତ ଜଣାଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ର ବିଭିନ୍ନ ଯୋଜନାରେ ସାମିଲ ହୋଇ ନିଜର ଆର୍ଥିକ ଅଭିବୃଦ୍ଧି କରିବା ସହ ଅନ୍ୟମାନଙ୍କ ଉଦାହରଣ ହେବାକୁ ଆହ୍ୱାନ କଲେ । ଉଦ୍‌ଯାପନ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ୪ ଜଣ ଚାଷୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ଉପଢୌକନ ,ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ପାପଡ଼ାହାଣ୍ଡି ବ୍ଲକର ରମା ଭତରା ଗୋପାଳନ, ଉମରକୋଟ ବ୍ଲକର ମୁରଲୀଧର ପୁଜାରୀ ମାଛ ଜାଆଁଳା ଉତ୍ପାଦନ କାରୀ, ତେନ୍ତୁଲିଖୁଣ୍ଟି ବ୍ଲକ୍‌ର ସ୍ୱାତୀ ପନାଗିଲାଟି ଅଣ୍ଡାଦିଆ କୁକୁଡ଼ା ପାଳନ, ପାପଡ଼ାହାଣ୍ଡି ବ୍ଲକ୍‌ର ଅନିତା ଚେଟି ବାଓଫ୍ଲକ ପଦ୍ଧତିରେ ମତ୍ସ୍ୟ ପାଳନ କରି ମୁଖ୍ୟଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ହିତାଧିକାରୀ ଆର୍ଥିକ ସହାୟତା ରୂପେ ଡ଼ାବୁଗାଁର ଜେମା ଗୌଡ ଗୋପାଳନ ବାବଦରେ ୧,୦୮,୦୦୦ ଟଙ୍କା ,ତେନ୍ତୁଲିଖୁଣ୍ଟି ବ୍ଲକର ବନମାଳୀ ଜାନି ଛେଳି ପାଳନରେ ୬୧,୦୦୦ ଟଙ୍କା, ଭାଟିକୋଟର ଚୁମକି ଶାନ୍ତା ନୂତନ ମଧୁର ଜଳ ପୋଖରୀ ରେ ୨,୯୪,୦୦୦ ଟଙ୍କା, ଅଞ୍ଚଳଗୁମାର ମୋହନ ମାଝୀ ମାଛ ଜାଆଁଳା ଉତ୍ପାଦନ ରେ ୮୦,୦୦୦ ଟଙ୍କାର ଚେକ ମୁଖ୍ୟ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଅରୁଣ ମିଶ୍ରଙ୍କ ହସ୍ତକ୍ଷେପ ପରେ ଖୋଲିଲା ଫାଟକ ତାଲା

# ମଣ୍ଡିରେ ପଡ଼ିରହିଛି ୪ ହଜାର କ୍ୱିଣ୍ଟାଲ ଧାନ

ନବରଙ୍ଗପୁର/ନନ୍ଦାହାଣ୍ଡି, ୬।୧(ସମିସ):

ଦୁଇଦିନ ଧରି ମିଲର୍ସ ଷ୍ଟ୍ରାଇକ୍‌ରେ ଅଛନ୍ତି । କୌଣସି ମଣ୍ଡିରୁ ଚାଷୀ ଙ୍କ ଧାନ ଉଠୁନି । ଫଳରେ ଚାଷୀକୁଳ ବହୁ ହନ୍ତସନ୍ତ ହେଉଥିବା ବେଳେ ଅଦ୍ୟାବଧି କୌଣସି ସମାଧାନ ହୋଇନି । ଏମିତି ସ୍ଥିତିରେ ଆଜି ସରୁଗୁଡା ସ୍ଥିତ ନିୟନ୍ତ୍ରିତ ବଜାର କମିଟି ମାର୍କଫେଡ୍‌ରେ ସାଢ଼େ ୧୧ ଘଟିକା ପର୍ଯ୍ୟନ୍ତ ତାଲା ପଡିଥିଲା । ଯାହାକୁ ନେଇ ଚାଷୀ ହଇରାଣ ହୋଇଥିଲେ । ପରେ ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ରଙ୍କ ହସ୍ତକ୍ଷେପ ପରେ ତାଲା ଖୋଲିଥିଲା । ସୂଚନା ଅନୁଯାୟୀ ଗତ ଦୁଇଦିନ ଧରି ମିଲର୍ସ ଆସୋସିଏସନ ଷ୍ଟ୍ରାଇକରେ ଅଛନ୍ତି । ଫଳରେ ଜିଲ୍ଲାର କୌଣସି ମଣ୍ଡିରୁ ଧାନ ଉଠିପାରୁନି । ଯାହାକୁ ନେଇ ସମଗ୍ର ଜିଲ୍ଲାର ଚାଷୀ ଙ୍କୁ ହଇରାଣ ହେବାକୁ ପଡୁଛି । ଆଜି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସରୁଗୁଡା ସ୍ଥିତ ମାର୍କଫେଡ୍‌ରେ ମଣ୍ଡି ଥିଲା । ସକାଳ ପ୍ରହରରୁ ଅଞ୍ଚଳର ଚାଷୀ ନିଜ ଅମଳ ଧାନ ଟ୍ରାକ୍ଟର ଯୋଗେ ମାର୍କଫେଡ୍‌କୁ ଆଣିଥିଲେ । ବର୍ତ୍ତମାନ ମଣ୍ଡିରେ ଶତାଧିକ ଚାଷୀଙ୍କ ୪ ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି । କିନ୍ତୁ ଦୁଃଖର ବିଷୟ ନିୟନ୍ତ୍ରିତ ବଜାର କମିଟିର ଅବହେଳା ଯୋଗୁଁ ମାର୍କଫେଡ଼ ଫାଟକରେ ତାଲା ଝୁଲୁଥିଲା । ଫଳରେ ଚାଷୀ ନିଜ ନିଜ ଧାନ ବୋଝେଇ ଟ୍ରାକ୍ଟରକୁ ମୁଖ୍ୟ ରାସ୍ତାରେ ଲମ୍ବା ଲାଇନ ଲଗେଇ ଅପେକ୍ଷା କରିଥିଲେ । ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ପ୍ରବଳ ହୋହାଲ୍ଲା ହୋଇଥିଲା । ଏମିତିକି ଚାଷୀ ମାନେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବା ପାଇଁ ସଜବାଜ ହୋଇ ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟ ଅରଣ୍ଣ ମିଶ୍ରଙ୍କୁ ଯୋଗାଯୋଗ କରି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ଏହାପରେ ଅରୁଣ ମିଶ୍ର ତୁରନ୍ତ ମଣ୍ଡି ସ୍ଥଳରେ ପହଞ୍ଚି ପ୍ରଶାସନ ସହ ଯୋଗାଯୋଗ କରି ଆଲୋଚନା କରିଥିଲେ । ଏହାପରେ ସାଢେ ୧୧ ଘଟିକା ସମୟରେ ମାର୍କଫେଡ୍ ଫାଟକ ଖୋଲିଥିଲା । ପରେ ସମସ୍ତ ଚାଷୀ ଧାନ ନେଇ ମାର୍କଫେଡ଼ରେ ରଖିଥିଲେ । ଏନେଇ ନନ୍ଦାହାଣ୍ଡି ଯୋଗାଣ ନିରୀକ୍ଷକ ସଂଜୀବ କୁମାର ମାଝୀ ମିଲର୍ସ ଷ୍ଟ୍ରାଇକ୍‌ରେ ଥିବାରୁ ମଣ୍ଡିରୁ ଧାନ ଉଠୁନି, ପୂର୍ବରୁ ଚାଷୀଙ୍କ ଧାନ ମାର୍କଫେଡ୍‌ରେ ସୁରକ୍ଷିତ ରଖାଯାଇ ଫାଟକରେ ତାଲା ପଡିଥିଲା ବୋଲି କହିଛନ୍ତି । ଅନ୍ୟପଟେ ମିଲର୍ସ ଷ୍ଟ୍ରାଇକ୍ ସହିତ ଚାଷୀଙ୍କର କୌଣସି ମତଲବ ନାହିଁ,ସରକାର ଚାଷୀଙ୍କ ଧାନ କିଣୁଛନ୍ତି, ଚାଷୀ ଟୋକନ ମଧ୍ୟ ପାଇଛନ୍ତି, ତେଣୁ ସେମାନେ ମଣ୍ଡିକୁ ଧାନ ଆଣିଛନ୍ତି । ଏଣୁ ଚାଷୀଙ୍କ ଧାନ ତୁରନ୍ତ କିଣିବାକୁ ଜିଲ୍ଲାପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର ଦାବି କରିଛନ୍ତି ।



